# ପ୍ରେମ

ପ୍ରେମ ଏକ ଅଂକା ବଂକା ନଈ
          ପ୍ରେମ ଏକ ଅଳସ ମଧ୍ୟାହ୍ନ
ପ୍ରେମ ଏକ ନିଶୀଥର ଜହ୍ନ
          ପ୍ରେମ ଏକ ରୁଦ୍ର ବିବସ୍ୱାନ ।

ପ୍ରେମ ଏକ ବେସୁରା ରାଗିଣୀ
          ପ୍ରେମ ଏକ ଲାସ୍ୟମୟୀ ନାରୀ
ପ୍ରେମ ଏକ ହସର ଜୁଆର
          ସୀମାହୀନ ସାଗରରେ ପ୍ରାଣଦାନ ତରୀ ।

ପ୍ରେମ ଏକ ଶାରଦୀୟ ଜହ୍ନ
          ଜ୍ୟୋସ୍ନା ବିଧୌତ ଏକ ଆରବ୍ୟ ରଜନୀ
ଲାସ୍ୟମୟୀ ସଜନୀର ଶ୍ରୀଅଙ୍ଗ ସୌଷ୍ଠବ
          ପ୍ରେମ ପାରାବାରେ ଏକ ଅଭୁଲା ବିପଣୀ ।

ପ୍ରେମ ଏକ ଅମାନିଆ ନଈ
          ବୁଝେନା ସେ ମରମର ବ୍ୟଥା
ମାନେନାହିଁ ଅନୁଭବ ଅନୁଶୋଚନାର
          ମାନେନା ସେ ସରମର କଥା ।

ପ୍ରେମ ଦୁଇମନ ପାଇଁ
ଅପାସୋରା ମୌନାବତୀ ଭାଷା
ନିଜେ କିନ୍ତୁ ସୃଜିପାରେ
ଇତିହାସ ପୃଷ୍ଠା, ପ୍ରେମିକକୁ କରି ଲୋକହସା ।

ପ୍ରେମ ଏକ ଆତ୍ମୀୟ ପାଥେୟ
ପ୍ରେମ ଅତନୁର ଏକ ଭବ୍ୟ ଅନୁଭବ
ପ୍ରେମ ପାଇଁ ବନ୍ଧା ଶଶି କୁମୁଦିନୀ ପାଶେ
ବିଶ୍ୱ ପାଇଁ ସେ ଆଲୋକ ଅମୃତ ବୈଭବ ।